# ଜାତୀୟ ଐତିହ୍ୟ-ହାତୀଦାନ୍ତର ଗୀତଗୋବିନ୍ଦ

ଡକ୍ଟର ଭାଗ୍ୟଲିପି ମଲ୍ଲ

**ଶ୍ରୀ** ଜୟଦେବଙ୍କ ଗୀତଗୋବିନ୍ଦ ଭାରତୀୟ କାବ୍ୟ ପରଂପରାର ଏକ ବିରାଟ ବିସ୍ମୟ । ପ୍ରତ୍ୟେକ ଭାରତୀୟ ବିଦ୍ୱାନଙ୍କ ମୁଖର ଏକ ମୁଗ୍ଧ ଉଚ୍ଚାରଣ, ସଂଗୀତ ଶିଳ୍ପୀଙ୍କ କଣ୍ଠର ସ୍ନିଗ୍ଧ ମଧୁର ମୂର୍ଚ୍ଛନା ଏବଂ ନୃତ୍ୟଶିଳ୍ପୀମାନଙ୍କ ଘୁଙ୍ଗୁରର ଅପୂର୍ବ ଝଙ୍କାର । ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ 'ଗୀତଗୋବିନ୍ଦ' ଦ୍ୱାରା ପ୍ରଭାବିତ । ଏହି ଅନବଦ୍ୟ କାବ୍ୟ 'ଗୀତଗୋବିନ୍ଦ' ମଧୁର, କୋମଳ କାନ୍ତ ପଦାବଳୀରେ ପରିପୂର୍ଣ୍ଣ । ଖ୍ରୀଷ୍ଟିୟ ଦ୍ୱାଦଶ ଶତାବ୍ଦୀରେ ରଚିତ ଏହି କାବ୍ୟ ୨୦୦/୩୦୦ ବର୍ଷ ମଧ୍ୟରେ ଓଡିଶା ସମେତ ସମଗ୍ର ଭାରତବର୍ଷରେ 'ପ୍ରେମଭକ୍ତି'ର କାବ୍ୟ ଭାବରେ ବିଶେଷ ଜନପ୍ରିୟତା ଲାଭ କରିଥିଲା । ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦର ବୈଷ୍ଣବୀୟ ଭାବ ସମ୍ବଳିତ ଅଲୌକିକ ଶୃଙ୍ଗାରରସ, ଗାନ୍ଧର୍ବ କଳାକୌଶଳ, ସୁଲଳିତ ପଦବିନ୍ୟାସ ତଥା ଅନୁପମ ଛନ୍ଦମାଧୁରୀ ସମଗ୍ରବିଶ୍ୱର ରସିକ, ବିଦ୍ୱାନ, କବି କୋବିଦମାନଙ୍କୁ ମୁଗ୍ଧ ଓ ଅନୁପ୍ରାଣିତ କରିଛି । ଫଳରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପଣ୍ଡିତଗଣ 'ଗୀତଗୋବିନ୍ଦ'ର ଅନୁରୂପ କାବ୍ୟ ରଚନାରେ ପ୍ରୟାସୀ ହୋଇଆସିଛନ୍ତି । ବିଭିନ୍ନ ଭାରତୀୟ ତଥା ବୈଦେଶିକ ଭାଷାରେ ତାର ଅସଂଖ୍ୟ ଟୀକା ଓ ଅନୁବାଦ ପ୍ରଭୃତି ରଚିତ ହୋଇଛି । କେବଳ ସଂସ୍କୃତ ଭାଷାରେ ଓଡିଶା ଓ ଓଡିଶା ବାହାରେ ଏପର୍ଯ୍ୟନ୍ତ ଚାଳିଶି ଖଣ୍ଡରୁ ଅଧିକ ଟୀକା ମିଳିଥିବା ଜଣାଯାଏ । ଓଡିଶାରେ ଓଡିଆ ଭାଷାରେ ଭିନ୍ନ ଭିନ୍ନ ସମୟରେ ପଦ୍ୟ ଓ ଗଦ୍ୟରେ ବହୁ ଟୀକା ଓ ଅନୁବାଦ ପ୍ରଣୀତ ହୋଇଅଛି । ସେଥିମଧ୍ୟରୁ କବି ବୃନ୍ଦାବନ ଦାସ, ଧରଣୀଧର ଦାସ, ବଜରି ଦାସ, ପିଣ୍ଡିକ ଶ୍ରୀଚନ୍ଦନ, ଶ୍ୟାମସୁନ୍ଦର ଭଞ୍ଜ, କୃଷ୍ଣ ଦାସ, ଉଦ୍ଧବ ଦାସ ପ୍ରଭୃତିଙ୍କର ତଥା କେତେକ ଅଜ୍ଞାତନାମା କବିଙ୍କର ମିଳିଥିବା ପଦ୍ୟାନୁବାଦ ଉଲ୍ଲେଖଯୋଗ୍ୟ । ପଦ୍ୟାନୁବାଦ ବ୍ୟତୀତ ଖ୍ରୀଷ୍ଟୀୟ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ 'ଗୀତଗୋବିନ୍ଦ'ର ଯେଉଁ କେତୋଟି ଗଦ୍ୟାନୁବାଦ ବା ଟୀକାର ସନ୍ଧାନ ମିଳିଛି ତନ୍ମଧ୍ୟରେ ଟୀକାକାର ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କର ଗଦ୍ୟାନୁବାଦ ସବୁଠାରୁ ପ୍ରାଚୀନତମ ବୋଲି ଅଦ୍ୟାବଧି ଗୃହୀତ ହୋଇଛି । ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ପରେ ଯେଉଁ କେତୋଟି ଗଦ୍ୟାନୁବାଦ ବା ଟୀକାର ସନ୍ଧାନ ମିଳିଛି, ସେଥି ମଧ୍ୟରେ ବାଣୀଭୂଷଣ ଅନନ୍ତ ରଥ ଓ ପଣ୍ଡିତ ବାସୁଦେବ ମିଶ୍ରଙ୍କର ଅନୁବାଦ ଉଲ୍ଲେଖଯୋଗ୍ୟ । 'ଗୀତଗୋବିନ୍ଦ ଟୀକାସାର' ନାମକ ଆଉ ଏକ ଗଦ୍ୟାନୁବାଦରେ ଟୀକାକାରଙ୍କର ନାମ ଉଲ୍ଲେଖ ହୋଇନାହିଁ । ଏହାଛଡା ସଂଗ୍ରହାଳୟ ପୋଥିବିଭାଗରେ ଗୀତଗୋବିନ୍ଦର ଆଉ କେତୋଟି ଅନାମଧେୟ ଗଦ୍ୟାନୁବାଦର ତାଳପତ୍ର ପୋଥି ସଂରକ୍ଷିତ ରହିଛି ।



ପୃଥିବୀର ବିଭିନ୍ନ ଭାଷାରେ ଗୀତଗୋବିନ୍ଦର ଅନୁବାଦ ଏହାର ବହୁଳ ଲୋକପ୍ରିୟତାକୁ ପ୍ରମାଣିତ କରାଏ । William Jonesଙ୍କ ଦ୍ୱାରା ଇଂରାଜୀରେ ୧୭୯୨ ମସିହାରେ ପ୍ରଥମ ଅନୁବାଦ ଏବଂ ପରେ ପରେ ଏହାର କେତେଗୁଡିଏ ପ୍ରକାଶନ ହୋଇଛି । ୧୮୭୫ ମସିହାରେ ଲଣ୍ଡନର Edwin Arnoldଙ୍କ ଦ୍ୱାରା "The Indian Song of Songs" ସବୁଠାରୁ ଲୋକପ୍ରିୟ ଅନୁବାଦ, George Keytଙ୍କ ଦ୍ୱାରା ୧୯୪୦ରେ, ଏସ୍. ଲକ୍ଷ୍ମୀନରସିଂହା ଶାସ୍ତ୍ରୀଙ୍କ ଦ୍ୱାରା ୧୯୫୬ରେ, ୧୯୬୨ରେ Duncan Green Lees, ୧୯୬୮ରେ Monica Varma ଏବଂ Love Song of the Dark Lord by

Barbara Stroler Millerଙ୍କ ଦ୍ୱାରା ଗୀତଗୋବିନ୍ଦ ଅନୁଦିତ ହୋଇ ପୃଥିବୀର କୋଣ ଅନୁକୋଣରେ ପହଞ୍ଚିପାରିଛି । ଏହି ପୋଥି ଭଣ୍ଡାରରେ ଜୟଦେବକୃତ ଗୀତଗୋବିନ୍ଦର ବିଭିନ୍ନ ଟୀକାକୁ ବାଦ୍ ଦେଲେ ସଚିତ୍ର ତାଳପତ୍ରର ଗୀତଗୋବିନ୍ଦ ଚମତ୍କାର ଚିତ୍ର ସମ୍ଭାରରେ ରାଧାକୃଷ୍ଣ ପ୍ରେମଲୀଳାକୁ ବିଶ୍ୱମାନସରେ ଉପସ୍ଥାପିତ କରୁଛି । ଏଗୁଡିକରେ ସ୍ଥାନପାଇଥିବା ଚିତ୍ର ସମୂହ ଓଡିଶାର ଚିତ୍ରକଳାକୁ ବିଶ୍ୱଦରବାରରେ ପରିଚିତ କରାଇବାରେ ସହାୟକ ହୋଇପାରିଛି । ଏହାର ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ନିକଟରେ ଜର୍ମାନୀର ଫ୍ରାଙ୍କଫୋର୍ଟ ଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱର ସର୍ବବୃହତ୍ ପୁସ୍ତକମେଳାର ପ୍ରଦର୍ଶନୀରେ ରାଜ୍ୟ ସଂଗ୍ରହାଳୟର ବାଉଁଶପତ୍ରର ଗୀତଗୋବିନ୍ଦ, ତାଳପତ୍ର ମାଳାର ଗୀତଗୋବିନ୍ଦ ଏବଂ ସଚିତ୍ର ଓ ଲିଖିତ ତାଳପତ୍ରର ଗୀତଗୋବିନ୍ଦ ପ୍ରଦର୍ଶିତ ହୋଇ ସମଗ୍ର ବିଶ୍ୱର ଅଗଣିତ ଦର୍ଶକ ଓ ବିଦ୍ୱାନଙ୍କୁ ଚମତ୍କୃତ କରିପାରିଛି । ଚିତ୍ରିତ ତାଳପତ୍ର ପୋଥିର ଗୀତଗୋବିନ୍ଦ କାବ୍ୟରେ ବର୍ଣ୍ଣିତ ଚରିତ୍ର ଚିତ୍ରଣ, ବୃକ୍ଷଲତା, ପୁଷ୍ପରାଜି, ପଶୁପକ୍ଷୀ ସାଙ୍ଗକୁ ଓଡିଶୀ ଚିତ୍ରକଳାରେ ଚିତ୍ରିତ ବେଶପରିପାଟୀ, କେଶବିନ୍ୟାସ, ରଙ୍ଗବିନ୍ୟାସ ଆଦି ଓଡିଶାର ଚିତ୍ରକଳାର ଶୈଳୀକୁ ବିଶ୍ୱସ୍ତରରେ ପ୍ରତିପାଦନ କରିପାରିଛି । ଏତଦ୍‌ବ୍ୟତୀତ ସଂଗ୍ରହାଳୟରେ ଗଚ୍ଛିତ ବାଉଁଶପତ୍ରରେ ଗୀତଗୋବିନ୍ଦ, ତାଳପତ୍ର ମାଳାରେ ଗୀତଗୋବିନ୍ଦ, ପଙ୍ଖାକୃତୀ ତାଳପତ୍ରର ଗୀତଗୋବିନ୍ଦ, ମତ୍ସ୍ୟାକୃତୀ ତାଳପତ୍ର ପୋଥିରେ ଗୀତଗୋବିନ୍ଦ ପ୍ରଭୃତିକୁ ଦେଖିଲେ ସହଜରେ ଅନୁମାନ କରିହୁଏ ଯେ, ଗୀତଗୋବିନ୍ଦ ରଚନାର ପଦଲାଳିତ୍ୟ, ଛନ୍ଦ ଓ ସ୍ୱର ସାଧାରଣ ଜନମାନସକୁ କେତେ ପରିମାଣରେ ପ୍ରଭାବିତ କରି ରଖିଥିଲା । ତେବେ ସର୍ବୋପରି ସଂଗ୍ରହାଳୟ ପୋଥିଭଣ୍ଡାରରେ ଥିବା ହାତୀଦାନ୍ତରେ ନିର୍ମିତ ଗୀତଗୋବିନ୍ଦ ପୋଥି ଭାରତ ସରକାରଙ୍କ ଦ୍ୱାରା ଜାତୀୟ ଐତିହ୍ୟ ମାନ୍ୟତା ଲାଭ କରିବା ସମଗ୍ର ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ।

ଏହି ହାତୀଦାନ୍ତର ପୋଥିଟି ଭାରତ ସରକାରଙ୍କ ଦ୍ୱାରା ଜାତୀୟ ଐତିହ୍ୟ ବା ବିଜ୍ଞାନନିଧି ଭାବେ ୨୦୦୬ ମସିହାରେ ଘୋଷଣା କରାଯାଇଛି । ପୋଥିଟିର ପଞ୍ଜୀକରଣ ସଂଖ୍ୟା ହେଉଛି Ext-୧୫୯ । ୭ଟି ପତ୍ର ବିଶିଷ୍ଟ ଏହି ପୋଥିଟିକୁ ହଠାତ୍ ଦେଖିଲେ ତାଳପତ୍ର ପୋଥି ପରି ମନେହୁଏ । ଏହାର ଗଠନଶୈଳୀ ପ୍ରାୟତଃ ତାଳପତ୍ର ପୋଥି ସଦୃଶ । ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ହେଉଛି ୨୪.୭ x ୪ ସେ.ମି. । ପୋଥିର ଉଭୟ ପାର୍ଶ୍ୱରେ ଓଡିଆ ଲିପିରେ ପ୍ରାୟ ୪ରୁ ୧୭ ଧାଡି ଭିତରେ ସଂପୂର୍ଣ୍ଣ ଗୀତଗୋବିନ୍ଦ ଲିଖିତ ଅଛି । ପୋଥିଟିର ନକଲକାର ହେଉଛନ୍ତି ଶ୍ରୀ କମଳ ଲୋଚନ ଦାସ ଏବଂ ଏହା ଦଶରଥପୁର, ଯାଜପୁରର ଶ୍ରୀ ଅଧିକାରୀ ଆଚାର୍ଯ୍ୟ ଅଚ୍ୟୁତାନନ୍ଦ ଦାସଙ୍କ ଠାରୁ ୪.୧୦.୧୯୭୭ ମସିହାରେ କ୍ରୟ କରାଯାଇଥିଲା । ଏହି ପୋଥିର ପୁଷ୍ପିକାରେ ଲିଖିତ ଅଛି -

ଭୀମ ସ୍ୟାପି .... ନ ବିଦ୍ୟତେ
ଶ୍ରୀ ରାଧାଗୋବିନ୍ଦ ପଦାରବିନ୍ଦୌଯୁଗଳୌ
କମଳଲୋଚନଦାସ ସହୃଦୟେ ସଦା-ତିଷ୍ଠତୁ ।

ପୋଥିଟିର ଉଭୟପାର୍ଶ୍ୱରେ ଖୁବ୍ ଛୋଟଛୋଟ ଆକାରରେ ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରାଚୀନ ଲିଖନଶୈଳୀ (କେଲିଗ୍ରାଫି) ଏତେ ଚମତ୍କାର ଯେ ତାହା ସମଗ୍ର ଦେଶରେ ଅଦ୍ୱିତୀୟ କହିଲେ ଅତ୍ୟୁକ୍ତି ହେବନାହିଁ । ପୋଥିର ପ୍ରାରମ୍ଭରେ ନକଲକାର 'କାବ୍ୟେନ ବିରାଜ ଜୟଦେବ କୃତୌ ସାମୋଦ ଦାମୋଦରୋ ନାମ ପ୍ରଥମଃ ସର୍ଗଃ'ରୁ ଆରମ୍ଭ କରିଛନ୍ତି ।

ଦ୍ୱାଦଶ ଶତାବ୍ଦୀର କବି ଜୟଦେବଙ୍କର ଏହି ଗୀତଗୋବିନ୍ଦ କାବ୍ୟ ଏକ ଅନବଦ୍ୟ ସୃଷ୍ଟି । ତାଙ୍କର ଜନ୍ମସ୍ଥାନକୁ ନେଇ ଉଠିଥିବା ବିତର୍କର ଝଡ ଏବେ ବହୁ ବିଦ୍ୱାନମାନଙ୍କ ପ୍ରଚେଷ୍ଟାରେ ପ୍ରଶମିତ ପ୍ରାୟ । ତେବେ ଜଣେ ବୈଷ୍ଣବ କବି ଭାବରେ ସେ ରସେଶ୍ୱର ଶ୍ରୀକୃଷ୍ଣଙ୍କ ସହ ମହାଭାବ ସ୍ୱରୂପିଣୀ ରାସେଶ୍ୱରୀ ଶ୍ରୀରାଧାଙ୍କର ମିଳନ, ବିରହ, ବିଚ୍ଛେଦକୁ ସରଳ, ତରଳ, ସ୍ନିଗ୍ଧ ଭାଷାରେ ବର୍ଣ୍ଣନା କରିବାରେ ସଫଳ ହୋଇଛନ୍ତି । ଗୀତଗୋବିନ୍ଦର ପ୍ରତ୍ୟେକ ଶ୍ଳୋକ ଶୃଙ୍ଗାର ରସର ଅମୃତ ରସରେ ନିଷିକ୍ତ ହୋଇଛି । ବୈଷ୍ଣବ ଶାସ୍ତ୍ରାନୁଯାୟୀ ଶୃଙ୍ଗାର ଶବ୍ଦର ଅର୍ଥ ହେଉଛି ସମ୍ଭୋଗ ଇଚ୍ଛାର ପୂର୍ଣ୍ଣଜାଗରଣ । ଆନନ୍ଦମୟ ସଚ୍ଚିଦାନନ୍ଦଙ୍କର ଆନନ୍ଦମୟଲୀଳା ଆସ୍ୱାଦନରେ ମାନବର ପ୍ରକୃତ ସୁଖ ସାଧିତ ହୋଇଥାଏ - ଏହା ହିଁ ଗୀତଗୋବିନ୍ଦ କାବ୍ୟର ଅନ୍ତଃସ୍ୱର । ତେବେ ଏଇ ଅନ୍ତଃସ୍ୱରରୁ କେତେ ଶାଖାପ୍ରଶାଖା ମେଲି ଦ୍ୱାଦଶ ଶତାବ୍ଦୀରୁ ଆଜିଯାଏଁ ଗୀତଗୋବିନ୍ଦ କାବ୍ୟ ଭାରତୀୟ ସଂସ୍କୃତି, ପରଂପରା, ସାହିତ୍ୟ, ସଂଗୀତ ଓ ସର୍ବୋପରି ନୃତ୍ୟ ଜଗତକୁ ଅମୂଲ୍ୟ ଅବଦାନ ଯୋଗାଇ ଆସୁଛି । ପୁଣି ସେଇ ଜ୍ଞାନ ଓ ଆନନ୍ଦର ମହାସାଗରକୁ ଯିଏ ଯେତେ ନିରେଖିଛି, ସିଏ ସେତେ ନୂଆ ନୂଆ ଦିଗର ସନ୍ଧାନ ପାଇପାରିଛି । ଯେପରିକି ବିଦ୍ୱାନମାନେ ସେଥିରୁ ଦେଖୁଛନ୍ତି ତାଙ୍କର ଶବ୍ଦ ସଂଯୋଜନା ଓ ଗଭୀର ପାଣ୍ଡିତ୍ୟକୁ, ରସିକ ଓ ଭାବୁକ ଅନୁଭବ କରୁଛନ୍ତି ଏହାର ଗଭୀର ପ୍ରେମରସକୁ, ଭକ୍ତ ହଜିଯାଉଛି କୃଷ୍ଣଭକ୍ତିର ପ୍ରେମରେ, ଚିତ୍ରକାର ମଜିଯାଉଛି ସଚିତ୍ର ପୋଥିରେ ଥିବା ରଙ୍ଗ ଓ ଚିତ୍ରର ମାଧୁର୍ଯ୍ୟରେ ଏବଂ ସଂଗୀତକାର ଓ ସଂଗୀତ ଶିଳ୍ପୀ ହଜି ଯାଉଛନ୍ତି ଗୀତଗୋବିନ୍ଦ ଗାୟନରେ, ପୁଣି ନୃତ୍ୟଶିଳ୍ପୀ ମଗ୍ନ ହୋଇଯାଉଛି ଗୀତଗୋବିନ୍ଦର ଅଭିନୟରେ ତଥା ନୂପୁରର ଛନ୍ଦରେ ।

'ଗୀତଗୋବିନ୍ଦ' କାବ୍ୟର ଅନ୍ତଃସ୍ୱର ଯେଉଁଭଳି ଅନେକ ବିଭବରେ ବିମଣ୍ଡିତ, ସେହିଭଳି 'ଗୀତଗୋବିନ୍ଦ' ରଚିତ ଥିବା ପୋଥି ସମୂହ ଅନେକ କଳେବର ନେଇ ଆତ୍ମପ୍ରକାଶିତ । ଯେପରିକି ବାଉଁଶପତ୍ର, ତାଳପତ୍ରର ବିଭିନ୍ନ ଆକାର, ହାତ ତିଆରି କାଗଜ, ପ୍ରକାଶିତ ଅପ୍ରକାଶିତ ଗ୍ରନ୍ଥ ତଥା ସର୍ବୋପରି ହାତୀଦାନ୍ତରେ ନିର୍ମିତ ପୋଥି ଭିତରେ ବି 'ଗୀତଗୋବିନ୍ଦ'ର ରଚନା ଦେଖିବାକୁ ମିଳେ । ବହୁ କଳେବର ଭିତରେ 'ହାତୀଦାନ୍ତ'ରେ ତିଆରି ଗୀତଗୋବିନ୍ଦ ପୋଥି ଯେଉଁଭଳି ଅନନ୍ୟ

ସେହିଭଳି ମହାନ୍ । ବହୁ ପରୀକ୍ଷାନିରୀକ୍ଷା ପରେ ସଂପ୍ରତି ତାହା 'ଜାତୀୟ ଐତିହ୍ୟ' ବା ବିଜ୍ଞାନନିଧି ଭାବେ ଭାରତ ସରକାରଙ୍କ ଦ୍ୱାରା ଉଦ୍‌ଘୋଷିତ । ଯେଉଁ ହାତୀଦାନ୍ତର ଦୁର୍ମୂଲ୍ୟ ଗୀତଗୋବିନ୍ଦ ପୋଥିଟିକୁ ଜାତୀୟ ଐତିହ୍ୟ ଭାବେ ବିବେଚନା କରାଗଲା, ସେ ସଂପର୍କରେ ଉପଯୁକ୍ତ ପ୍ରଚାର ପ୍ରସାର ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରର ପାଠ୍ୟକ୍ରମରେ ସାମିଲ୍ କରାଯିବାର ବ୍ୟବସ୍ଥା କରାଗଲେ, ହୁଏତ ଆମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗୀତଗୋବିନ୍ଦ କାବ୍ୟ ସଂପର୍କରେ ସମ୍ୟକ୍ ଧାରଣା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଆମ 'ଜାତୀୟ ଐତିହ୍ୟ' ସଂପର୍କରେ ମଧ୍ୟ ଏକ ଧାରଣା ସୃଷ୍ଟି ହୋଇ ପାରନ୍ତା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କର ଜନ୍ମସ୍ଥାନ ଓ ସମୟ ସୀମାକୁ ଆହୁରି ଅଧିକ ପ୍ରାମାଣିକ ଯୌକ୍ତିକତା ପ୍ରତିପାଦନ କରିବା ନିମିତ୍ତ ସଂପ୍ରତି ଜୟଦେବଙ୍କ ଜନ୍ମପୀଠ କେନ୍ଦୁଲୀ ଠାରେ ଏକ ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧ୍ୟକ୍ଷ ଡଃ ସି. ବି. ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଗ୍ରହାଳୟ କର୍ମଚାରୀମାନଙ୍କ ସହାୟତାରେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରାରମ୍ଭିକ ଖନନରୁ ଜଣାଯାଇଛି ଯେ ପ୍ରାଚୀନ ମୃଣ୍ମୟ ପାତ୍ରାଂଶ, ମୂର୍ତ୍ତି, ଘରଦ୍ୱାରର ଚିହ୍ନବର୍ଣ୍ଣ, ପାଦୁକ ନଳା ଓ ଅନ୍ୟାନ୍ୟ ଘର ସରଞ୍ଜାମ ଆଦି ମାଟିତଳୁ ଆବିଷ୍କାର ହୋଇଛି । ଏହାଦ୍ୱାରା କେନ୍ଦୁଲୀ ଅଞ୍ଚଳରେ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଏକ ସୁନ୍ଦର ଜନବସତି ଥିଲା ଏହାର ଏକ ଐତିହାସିକ ପ୍ରାମାଣିକ ତଥ୍ୟ ମିଳିପାରିଛି । ଏହି ପ୍ରତ୍ନତାତ୍ତ୍ୱିକ ଖନନ କାର୍ଯ୍ୟ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ତଥା ରାଜ୍ୟ ସଂଗ୍ରହାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି ।

ଦ୍ୱାଦଶ ଶତାବ୍ଦୀରୁ ଆଜିଯାଏଁ ଭାରତୀୟ ଜନମାନସରେ ପ୍ରବାହିତ ହୋଇଆସୁଥିବା ଏଇ ଅମୃତମୟ ଫଲ୍‌ଗୁଟି ଏମିତି ପ୍ରତିଟି ରସଗ୍ରାହୀଙ୍କୁ ସିକ୍ତ କରି ଚାଲୁଥିବ ଏହା ନିଃସନ୍ଦେହ । ଗୀତଗୋବିନ୍ଦର ଆଧ୍ୟାତ୍ମିକ ଭାବନା, ଶୃଙ୍ଗାରୀଚେତନା ଏବଂ ସାଂଗୀତିକତା ମୃଦୁ ସମୀରଣ ଭଳି ଦ୍ୱାଦଶ ଶତାବ୍ଦୀରୁ ପ୍ରବାହିତ ହୋଇ ଯୁଗଯୁଗ ଧରି ସମଗ୍ର ଜନମାନସକୁ ହିଲ୍ଲୋଳିତ ଓ ପଲ୍ଲବିତ କରିଚାଲିଥିବ ।

**ପାଦଟୀକା**

1. Jayadev's Geetagovinda, English verse by Dr. Kartik Ch. Das.
2. Sree Gitagovinda - Edited Smt. Pramila Mishra.
3. Jayadeva and Geetagovinda - Published by Utkal University of Culture.
4. Gitagovinda - Translated Pandit Nilamani Mishra.
5. Manuscript Library, Orissa State Museum.

କ୍ୟୁରେଟର୍ ଇନ୍‌ଚାର୍ଜ
ପୋଥି ବିଭାଗ
ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର-୧୪

